## ମା' ମହାପାଟଙ୍କ ବାର୍ଷିକ ପୂଜା ପାଳିତ

**ବଅଁରପାଳ,୧୯।୯(ଉପେନ୍ଦ୍ର ରାଉତ):** ବଅଁରପାଳ ବ୍ଲକ ତୁଳସୀପାଳ ଓ ଗଡ଼ସନ୍ତ୍ରୀ ଗ୍ରାମର ପ୍ରତ୍ୟକ୍ଷ ଦେବୀ ମା' ମହାପାଟଙ୍କ ବାର୍ଷିକ ପୂଜା ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ସକାଳେ ଗ୍ରାମର ଦିଅଁଘରୁ ମା'ଙ୍କ ଆଲମକୁ ଏକ ଶୋଭାଯାତ୍ରାରେ ପୀଠ ସ୍ଥଳୀକୁ ଅଣାଯାଇଥିଲା। ପରେ ଦେବୀଙ୍କ ରୀତିନୀତି ପୂଜାର୍ଚ୍ଚନା କରାଯାଇଥିଲା। ବହୁ ଶ୍ରଦ୍ଧାଳୁ ଦେବୀଙ୍କ ନିକଟରେ ପୂଜାର୍ଚ୍ଚନା କରିଥିଲେ। କେତେଜଣ ଶ୍ରଦ୍ଧାଳୁ ଦେବୀଙ୍କ ନିକଟରେ ଅଧିଆ ପଡ଼ିଥିଲେ। ସଭାପତି ଲୋକନାଥ ମାଝି, ଭଜମନ ମହାନ୍ତି, ସୁନୀଲ ମାଝି, ବାଉରୀବନ୍ଧୁ ସାହୁ ପ୍ରମୁଖ ଯୋଗ ଦେଇଥିଲେ।



# ୩୭ ମଣ୍ଡପରେ ବିରାଜମାନ ଗଜାନନ


ଢେଙ୍କାନାଳ ମହାବୀର ବଜାର


ଜବାହାରଚୌକ


ବ୍ଲୁଷ୍ଟାର ନୂଆପୋଖରୀ


ଗଣେଶ ବଜାର

**ଢେଙ୍କାନାଳ,୧୯।୯(ରତନ ନାୟାର)**

ଢେଙ୍କାନାଳ ସହରରେ ଧୁମଧାମରେ ଗଜାନନଙ୍କ ପୂଜା ଆରମ୍ଭ ହୋଇଛି। ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ଏହା ଚାଲିବ ଏବଂ ୨୫ ତାରିଖରେ ଭସାଣି ଅନୁଷ୍ଠିତ ହେବ। ଚଳିତବର୍ଷ ୩୭ଟି ଅନୁଷ୍ଠାନରେ ପୂଜା ଅନୁଷ୍ଠିତ ହେଉଛି। ବ୍ଲୁଷ୍ଟାର କ୍ଲବ ପୂଜା ମଣ୍ଡପ ପକ୍ଷରୁ ଗଣେଶଙ୍କ ଦଶାନନ ମୂର୍ତ୍ତି, ଜବାହାରଚୌକ ପୂଜା ପ୍ରତିଷ୍ଠାନ ପକ୍ଷରୁ ମୂଷିକ ବାହନରେ ଯାଉଥିବା ମୂର୍ତ୍ତି ମନ ମୋହୁଛି। ସେହିପରି ଗଣେଶ ବଜାର ଓ ମହାବୀର ବଜାରର ମୂର୍ତ୍ତି ବେଶ୍ ଆକର୍ଷଣୀୟ ହୋଇଛି। ଚଳିତବର୍ଷ ଗଣେଶ ବଜାର, ମହାବୀର ବଜାର, ଡାଇମଣ୍ଡ କ୍ଲବ ଲକ୍ଷ୍ମୀବଜାର, ଜବାହାରଚୌକ, ଗାନ୍ଧୀମନ୍ଦିର ରୋଡ, ୫ଷ୍ଟାର କ୍ଲବ, ମିନାବଜାର ମହାବୀର କ୍ଲବ ପୋତାପୋଖରୀ, କାଞ୍ଚନ ବଜାର, ରାଇଜିଂଷ୍ଟାର କ୍ଲବ କୁମ୍ଭାରସାହି, ବ୍ଲାକ ଡାଇମଣ୍ଡ କ୍ଲବ କୁମ୍ଭାରସାହି, ଆନନ୍ଦ ବଜାର, ବାଜିଚୌକ, ଜୟ ଜଗନ୍ନାଥ କ୍ଲବ ଚନ୍ଦନ ବଜାର, ମହାଲକ୍ଷ୍ମୀ କ୍ଲବ କାରିଗର ସାହି, ମେନରୋଡ କାରିଗର ସାହି, ରାଧାକୃଷ୍ଣ ବଜାର, ସୁପର ଟାଇଗର କ୍ଲବ ଟାଉନ ପ୍ଲାନିଂ, ପଦ୍ମଶ୍ରୀ କ୍ଲବ ପଦ୍ମବଜାର, ଇଣ୍ଡିଆନ କ୍ଲବ ଗୋପବନ୍ଧୁ ବଜାର, ରତ୍ନେଶ୍ୱରୀ କ୍ଲବ ରତ୍ନବଜାର, ଇଲେଭେନ କ୍ଲବ ଷ୍ଟେଶନ ବଜାର, ଜୟ ଜଗନ୍ନାଥ କ୍ଲବ ରାମେଶ୍ୱରପୁର, ରୟାଲ କ୍ଲବ, ମହାବୀର ୟୁଥ କ୍ଲବ ସିମିଳିଆ, କାଳିକାନଗର ଦକ୍ଷିଣକାଳୀ ରୋଡ, ବିକାଶ ୟୁଥ କ୍ଲବ ଖମାରସାହି, ବଜରଙ୍ଗ କ୍ଲବ କୈବଲ୍ୟ ବଜାର, ନେତାଜୀ କ୍ଲବ ଦେଉଳସାହି, ତ୍ରିନାଥ ୟୁଥ କ୍ଲବ ଦଣ୍ଡାସାହି, ୟୁନିଟ କ୍ଲବ ଜୁବୁଲିଟାଉନ, ଜଜମେଣ୍ଟ କ୍ଲବ ଦୁର୍ଗାବଜାର, ଭାଗୀରଥି ଯୁବକ ସଂଘ ଭାଗୀରଥି ବିହାର, ଗୋଲଡେନ୍‌ଷ୍ଟ୍ରିଟ୍ ଗୁଡିଆନାଳୀ, ଇମେଜ୍ କ୍ଲବ ଚାନ୍ଦମାରୀ ସାହି, ବୁଲେଟ୍-୧୧ କ୍ଲବ ଚଣ୍ଡିଆସାହି, କ୍ରିଷ୍ଟାବଜାର କୁଞ୍ଜକାନ୍ତ ଓ ମା' ସୁନ୍ଦରଶୁଣୀ କଲେଜ ବଜାର ପୂଜା ପ୍ରତିଷ୍ଠାନରେ ପୂଜା ପାଳିତ ହେଉଛି। ସହରରେ ବିଭିନ୍ନ ଶିକ୍ଷାନୁଷ୍ଠାନ, ବେସରକାରୀ ପ୍ରତିଷ୍ଠାନ ଆଦିରେ ମଧ ପୂଜା ଅନୁଷ୍ଠିତ ହୋଇଛି। ଲଗାଣ ବର୍ଷା ସତ୍ତ୍ୱେ ସନ୍ଧ୍ୟାରେ ପୂଜା ମଣ୍ଡପ ଗୁଡିକରେ ଭିଡ ହୋଇଥିଲା।


ଅନୁଗୋଳ ସହର ଅମଲାପଡ଼ାସ୍ଥିତ ମହାବିନାୟକ କ୍ଲବର ଗଣେଶ ମେଢ଼।

## ବିଦ୍ୟୁତ୍ କାର୍ଯ୍ୟାଳୟରେ ବିଶ୍ୱକର୍ମା ପୂଜା

**ସାତମାଇଲ,୧୯।୯(ସୁଶାନ୍ତ କୁମାର ପତି)/ ଭୁବନ (ବିପିନ ବିହାରୀ ସେଠୀ)**

ଢେଙ୍କାନାଳ ଜିଲା ହିନ୍ଦୋଳ ଉପଖଣ୍ଡ ଖଜୁରିଆକଟାସ୍ଥିତ ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟରେ ରବିବାର ବିଶ୍ୱକର୍ମା ପୂଜା ଅନୁଷ୍ଠିତ ହୋଇଯାଇଛି। ପୂଜା ମଣ୍ଡପକୁ ସୁନ୍ଦର ଭାବେ ସାଜସଜ୍ଜା କରାଯାଇ ବିଶ୍ୱକର୍ମାଙ୍କ ମୃଣ୍ମୟୀ ପ୍ରତିମା ସ୍ଥାପନ କରାଯାଇଥିଲା। ଯନ୍ତ୍ରୀ ବିଭୂତି ଭୂଷଣ ରଣା ଓ ତାଙ୍କ ସ୍ତ୍ରୀ କର୍ତ୍ତା ଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ। ପୂଜକ ଭାବେ ସଞ୍ଜୟ ଆଚାର୍ଯ୍ୟ ପୂଜାର୍ଚ୍ଚନା କରିଥିଲେ। କର୍ମଚାରୀ ସଞ୍ଜୀବ ସର, ଜୟନ୍ତ ଆଚାର୍ଯ୍ୟ, ସନ୍ତୋଷ ସର, ଶିବରାମ ପାଲ, କୁମୁଦ ପାଲ, ଗଦାଧର ସାହୁ, କମଳକାନ୍ତ ବିଶ୍ୱାଳ, କୁମୁଦ ଦାସ, ବଳୟ ବିଶ୍ୱାଳ ସହଯୋଗ କରିଥିଲେ। ସେହିପରି ଢେଙ୍କାନାଳ ଜିଲା ଭୁବନ ଏନ୍‌ଏସି ଓ ବ୍ଲକର ବିଭିନ୍ନ ଶିଳ୍ପ ଅନୁଷ୍ଠାନରେ ରବିବାର ବିଶ୍ୱକର୍ମା ପୂଜା ପାଳିତ ହୋଇଛି। ବିଦ୍ୟୁତ୍ ବିଭାଗ, ଜନସ୍ୱାସ୍ଥ୍ୟ ବିଭାଗ, ଘରୋଇ ବସ୍ ମାଲିକ ସଂଘ, ମୋଟର ଚାଳକ ସଂଘ ଓ ବିଭିନ୍ନ ଇଞ୍ଜିନିୟରିଂ ସଂସ୍ଥା ପକ୍ଷରୁ ପୂଜା ଧୁମଧାମରେ ପାଳନ କରାଯାଇଥିଲା। ପ୍ରତ୍ୟେକ ଅନୁଷ୍ଠାନ ପକ୍ଷରୁ ସଂକୀର୍ତ୍ତନ ଓ ଭଜନ ସମାରୋହ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି।


ଖଜୁରିଆକଟାସ୍ଥିତ ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟରେ ବିଶ୍ୱକର୍ମା ପୂଜା।

## ବିଘ୍ନରାଜଙ୍କୁ ନେଇ ଭୁବନ, କାମାକ୍ଷାନଗର ଉତ୍ସବମୁଖର


କାମାକ୍ଷାନଗର ବଡ଼ବନ୍ଧ ସାହି।


କାମାକ୍ଷାନଗର ଇଲେକ୍ଟ୍ରି ଅଫିସ ନିକଟ ଫ୍ରେଣ୍ଡସ୍ କ୍ଲବ।


ଭୁବନ ଗ୍ୟାଙ୍ଗଷ୍ଟର କ୍ଲବ।


ଭୁବନ ମୋଟରଚାଳକ ସଂଘ।

**ଭୁବନ,୧୯।୯(ବିପିନ ବିହାରୀ ସେଠୀ)/କାମାକ୍ଷାନଗର, (ସୁଧୀର ପରିଡା)**

ଢେଙ୍କାନାଳ ଜିଲା ଭୁବନ ଏନ୍‌ଏସି, ବ୍ଲକର ବିଭିନ୍ନ ଶିକ୍ଷା ଅନୁଷ୍ଠାନ ଓ ଯୁବକ ସଂଘ ପକ୍ଷରୁ ଗଣେଶ ପୂଜା ପାଳିତ ହୋଇଯାଇଛି। ଚଳିତ ବର୍ଷ ୧୭ଟି ମଣ୍ଡପ ଯଥା- ଡାଜଲିଙ୍ଗି, ଡେଭିଲ, ଏକସାଇଟେଟ, ଗଣପଥ, ଫ୍ରେଣ୍ଡସିପ, ଦି ଗ୍ୟାଙ୍ଗଷ୍ଟର, କିଙ୍ଗଷ୍ଟାର, ମନଷ୍ଟାର, ରୟାଲିୟନସ, ଦି ଡାଇନାମିକ୍, ଗ୍ଲୋରିୟସ ଆଦି କ୍ଲବ ପକ୍ଷରୁ ପୂଜା ପାଳନ କରାଯାଉଛି। ଏହି ପୂଜା ୨୩ ତାରିଖ ପର୍ଯ୍ୟନ୍ତ ଚାଲିବ। ୨୪ ତାରିଖରେ ଭସାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ପୋଲିସ ପ୍ରଶାସନ ଓ ଶାନ୍ତି କମିଟି ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଛି। ସେହିପରି ଗଜାନନଙ୍କ ଆବାହନରେ କାମାକ୍ଷାନଗର ସହରର ବିଭିନ୍ନ ବଜାର ସାହି ଗଳି ଚଳଚଞ୍ଚଳ ହୋଇଯାଇଛି। କାମାକ୍ଷାନଗର ସହର ଭିତରେ ପ୍ରାୟ ୨୫ ପୂଜା ମଣ୍ଡପ ହୋଇଥିବାବେଳେ ସନ୍ଧ୍ୟାରେ ରଙ୍ଗିନ ଆଲୋକରେ ସହର ଝଲସୁଛି।

## ପ୍ରଥମ ଦିନରେ ସହସ୍ରାଧିକ ଶ୍ରଦ୍ଧାଳୁ


ତାଳଚେର ସହରରେ ହୋଇଥିବା ଗଣେଶ ମେଢ଼।

**ତାଳଚେର,୧୯।୯(ମନୋଜ ନନ୍ଦ)**

ଗଣପର୍ବ ଗଣେଶପୂଜାକୁ ନେଇ ତାଳଚେର ଉତ୍ସବମୁଖର ହୋଇଉଠିଛି। ମଙ୍ଗଳବାରଠାରୁ ଆରମ୍ଭ ହୋଇଥିବା ଗଣନାଥଙ୍କ ପୂଜା ୧୧ ଦିନ ଧରି ଚାଲିବ। ବଡ଼ଦାଣ୍ଡ ସାହି, ବଡବଜାର, ନୂଆ ବଜାର, ମ୍ୟୁନିସିପାଲିଟି ବଜାର, ଥାନା ସାହି, ହନୁମାନପଡା, ପାଟଣାସାହି, ବାଇପାସ ଛକ, ହିଙ୍ଗୁଳା ମାର୍କେଟ, ଆଇଟିଆଇ ଛକ, ଶର୍ମାଛକ, ହାଣ୍ଡିଧୂଆ ବଜାର ସମେତ ୭୦ ମଣ୍ଡପରେ ଗଜାନନ ପୂଜା ପାଉଛନ୍ତି। ପୂଜାମଣ୍ଡପ ଗୁଡିକ ବିଭିନ୍ନ ରଙ୍ଗବେରଙ୍ଗର ଆଲୋକମାଳାରେ ଝଲସି ଉଠୁଛି। ପ୍ରଥମ ଦିନରେ ସହସ୍ରାଧିକ ଶ୍ରଦ୍ଧାଳୁ ଗଜାନନଙ୍କୁ ଦର୍ଶନ କରୁଛନ୍ତି। ଶୃଙ୍ଖଳା ରକ୍ଷା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ୧୦ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି।

## ହିନ୍ଦୋଳ ରୋଡ୍‌ରେ ଧୁମ୍‌ଧାମରେ ପୂଜା

**ସାତମାଇଲ,୧୯।୯ (ସୁଶାନ୍ତ କୁମାର ପତି)**

ଓଡ଼ାପଡ଼ା ବ୍ଲକ ହିନ୍ଦୋଳ ରୋଡ ବଜାର ଅଞ୍ଚଳରେ ଗଣେଶ ପୂଜା ପାଳିତ ହୋଇଯାଇଛି। ଓଡ଼ାପଡ଼ା ବ୍ଲକ ଅନ୍ତର୍ଗତ ଓଡାପଡା ଶିଶୁ ମନ୍ଦିର, ବିଭିନ୍ନ ସ୍କୁଲ କଲେଜ, ବ୍ୟବସାୟ ପ୍ରତିଷ୍ଠାନ ସହିତ ବିଭିନ୍ନ ସଙ୍ଗଠନ ପକ୍ଷରୁ ରୀତିନୀତି ଅନୁଯାୟୀ ପୂଜା ହୋଇଥିଲା। ହିନ୍ଦୋଳ ରୋଡ ବଜାର ମଧ୍ୟରେ ବ୍ରଦର୍ଶ ଆଣ୍ଡ ବ୍ରଦର୍ଶ ହିନ୍ଦୋଳ ରୋଡ ଓ ହିନ୍ଦୋଳ ରୋଡ ରେଲଷ୍ଟେଶନ ନିକଟରେ ଓମ୍ ଗ୍ରୁପ୍ ପକ୍ଷରୁ ଗଣପତିଙ୍କ ପୂଜା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେଉଛି।



ଓଡ଼ାପଡ଼ା ବ୍ଲକ ହିନ୍ଦୋଳ ରୋଡ୍ ବଜାର ଅଞ୍ଚଳରେ ହୋଇଥିବା ଗଣେଶ ମେଢ଼।

## ବିଭିନ୍ନ ସ୍ଥାନରେ ଅଗ୍ରପୂଜ୍ୟଙ୍କୁ ଆବାହନ



**କାମାକ୍ଷାନଗର,୧୯।୯(ଅମଜାଦ୍ ଖାନ)**

କଙ୍କଡ଼ାହାଡ଼ ବ୍ଲକର ବିଭିନ୍ନ ଅନୁଷ୍ଠାନ, ଶିକ୍ଷା ଅନୁଷ୍ଠାନ, ଯୁବ କ୍ଲବ, ସରକାରୀ ବିଦ୍ୟାଳୟ, ଆଶ୍ରମ ବିଦ୍ୟାଳୟ, ସରସ୍ୱତୀ ଶିଶୁ ମନ୍ଦିର ତଥା ସାମ୍ବାଦିକ ସଂଘ ତରଫରୁ ଗଣେଶ ପୂଜା ପାଳିତ ହୋଇଯାଇଛି। ଏହି ଅବସରରେ ସାମ୍ବାଦିକ ସଂଘ କଙ୍କଡ଼ାହାଡ଼ ସଂଘ କାର୍ଯ୍ୟାଳୟଠାରେ ପ୍ରଥମ ବର୍ଷର ଗଣେଶ ପୂଜା ହୋଇଥିଲା। ସଂଘର ବିଭୂତି ଭୂଷଣ ଦେହୁରୀ କର୍ତ୍ତା ଭାବେ ଯୋଗ ଦେଇଥିଲେ। ବରିଷ୍ଠ ସଭ୍ୟ ପାଣ୍ଡବଚରଣ ଦାସ, ସଭାପତି କୃଷ୍ଣଚନ୍ଦ୍ର ସାହୁ, ସମ୍ପାଦକ ପୃଥୀରାଜ ସାହୁ, ବିମଳଚନ୍ଦ୍ର ବିଶ୍ୱାଳ, ଅକ୍ରୁର ସିଂ, ମନୋଜ ଦାସ, ମନମୋହନ ପରିଡା, ପ୍ରସନ୍ନ ସାହୁ, ସତ୍ୟବ୍ରତ ଦାସ, ରାଜକିଶୋର ସାହୁ, ଟୁନା ପରିଡା ପ୍ରମୁଖ ଉପସ୍ଥିତ ଥିଲେ।

## ବର୍ଷା ସତ୍ତ୍ୱେ ୪୦ ହଜାର ଜନସମାଗମ

**ବଅଁରପାଳ,୧୯।୯(ଉପେନ୍ଦ୍ର ରାଉତ)**

### ନାଲ୍‌କୋ ବିଶ୍ୱକର୍ମା ପୂଜାର ୩ୟ ସନ୍ଧ୍ୟା

ଅନୁଗୋଳ ଜିଲା ନାଲ୍‌କୋନଗରରେ ପ୍ରସିଦ୍ଧ ବିଶ୍ୱକର୍ମା ପୂଜା ପାଳିତ ହେଉଛି। ଚଳିତ ବର୍ଷ ୨୦ ମଣ୍ଡପରେ ପୂଜା ପାଉଛନ୍ତି ବିଶ୍ୱକର୍ମା। ଆକର୍ଷଣୀୟ ମଣ୍ଡପ ସାଙ୍ଗକୁ ସୁସଜ୍ଜିତ ତୋରଣ ନିର୍ମାଣ ହୋଇଛି। କମ୍ୟୁନିଟି ସେଣ୍ଟରଠାରୁ ଷ୍ଟାଡିୟମ୍ ପର୍ଯ୍ୟନ୍ତ ଆଲୋକମାଳାରେ ଝଲସି ଉଠୁଛି। ବିଭିନ୍ନ ପୂଜା କମିଟି ପକ୍ଷରୁ ଆକର୍ଷଣୀୟ ମେଢ ତିଆରି ହୋଇଛି। କେଉଁଠି ରାମମନ୍ଦିର ତ କେଉଁଠି ରେଡିଓ ଓ କେଦାରନାଥ, ଧଉଳିସ୍ତୁପ ଆଦି ସଦୃଶର ମେଢ ହୋଇଛି। ପଲିଶ୍ରୀ ମେଳା ସାଙ୍ଗକୁ ମିନା ବଜାର, ଦୋଳି, ଖାଦ୍ୟ ଷ୍ଟଲ ଦର୍ଶକମାନଙ୍କୁ ଆକର୍ଷିତ କରିଛି। ବର୍ଷା ସତ୍ତ୍ୱେ ୩ୟ ସନ୍ଧ୍ୟାରେ ୪୦ ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିବା ଦେଖିବାକୁ ମିଳିଥିଲା।


ନାଲ୍‌କୋ କଣ୍ଟ୍ରାକ୍ଟର ସଂଘ ପକ୍ଷରୁ ପୁରୁଣା ରେଡିଓ କ୍ୟାସେଟ ସଦୃଶ ବିଶ୍ୱକର୍ମା ତୋରଣ ତିଆରି କରାଯାଇଛି।

## ବଇଣ୍ଡା, ଛେଣ୍ଡିପଦା ପୂଜା ମଣ୍ଡପରେ ଗହଳି

**ବଇଣ୍ଡା,୧୯।୯(ପରିକ୍ଷିତ ସାହୁ)/ଛେଣ୍ଡିପଦା (ଅଜିତ ଧଳ)/କଣିହାଁ,(ସଚ୍ଚିଦାନନ୍ଦ ପ୍ରଧାନ)**

କିଶୋରନଗର ବ୍ଲକ ବଇଣ୍ଡା ଅଞ୍ଚଳରେ ମଙ୍ଗଳବାର ଗଣେଶ ପୂଜା ପାଳିତ ହୋଇଯାଇଛି। ବଇଣ୍ଡାର ଶିକ୍ଷକପଡା, ସାପ୍ତାହିକ ହାଟ ପଡିଆ ସାହି, ବୈଷ୍ଣବସାହି, କଦଳୀମୁଣ୍ଡା, ମା' ମଙ୍ଗଳା ସାହିରେ ଧୁମ୍‌ଧାମରେ ପୂଜା ପାଳନ କରାଯାଇଛି। ବହୁ ଶ୍ରଦ୍ଧାଳୁ ପ୍ରଭୁଙ୍କୁ ଦର୍ଶନ କରିବା ସହ ପୂଜାରେ ସାମିଲ ହୋଇଥିଲେ। ସେହିପରି ଫୁଲାମ୍ବା, ନାକିଚି, ହଣ୍ଡପା, ବାମୁର, କିଶୋରନଗର, ଅଙ୍ଗପଡା, ପାଇକସାହି, ଠାକୁରଗଡ଼, ପେଡିପଥର ଆଦି ସ୍ଥାନରେ ଗଣେଶ ପୂଜା ପାଳିତ ହୋଇଯାଇଛି। ପୂଜା କମିଟିର ରଜତ ସାହୁ, ଅକ୍ଷୟ ସାହୁ, ଟିନା ପୃଷ୍ଟି, ପ୍ରଭାତ ସାହୁ, ବିବେକା ପ୍ରଧାନ, ଲୁଲୁ ସାହୁଙ୍କ ସମେତ କମିଟି କର୍ମକର୍ତ୍ତାମାନେ ସହଯୋଗ କରିଥିଲେ। ସେହିପରି ଛେଣ୍ଡିପଦା ବ୍ଲକର ବିଭିନ୍ନ ଅଞ୍ଚଳ ସମେତ ଖମାର ଗ୍ରାମରେ ୧୬ ରୁ ଅଧିକ ପୂଜା ମଣ୍ଡପରେ ଗଣନାଥ ପୂଜା ପାଉଛନ୍ତି। ଛେଣ୍ଡିପଦା ପଞ୍ଚାୟତ କଇଥସାହି, ତ୍ରିନାଥ କ୍ଲବ, ଉପରସାହି ଗଣେଶ ପୂଜା କମିଟି, ପ୍ରଧାନ ସାହି ଓ ମଝି ବଜାର ଗଣେଶ ପୂଜା କମିଟି, କୋଶଳା ପଞ୍ଚାୟତର ରାଜୀବ କ୍ଲବ, ମେଡିକାଲ ଛକ, କୁମ୍ଭାରସାହି ସ୍କୁଲ ଛକ, ଗୋଛାୟତସାହି ଓ ଷପାଳ, ବାଗଡିଆର ପୁରୁଣା ହାଟପଦା ଆଦି ସ୍ଥାନରେ ଆଦି ସ୍ଥାନରେ ଗଣେଶ ପୂଜା ପାଳିତ ହୋଇଛି। ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା ବାଗଡିଆ, ଛେଣ୍ଡିପଦା, ମାଛକୁଟା, ବସନ୍ତପୁର ଆଦି ପୂଜା ମଣ୍ଡପ ବୁଲି ଦେଖିଥିଲେ। ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେଉଛି। ସେହିପରି କଣିହାଁ ବ୍ଲକର ବିଭିନ୍ନ ସ୍ଥାନରେ ଗଣେଶ ପୂଜା ପାଳିତ ହେଉଛି। ଅନେକ ଗ୍ରାମରେ ପୂଜା କମିଟି ତରଫରୁ ପ୍ରସାଦସେବନ ସହିତ ନାମ ସଂକୀର୍ତ୍ତନ ବ୍ୟବସ୍ଥା ହୋଇଥିଲା। ସନ୍ଧ୍ୟାରେ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ ଜମୁଛି।


ଛେଣ୍ଡିପଦାରେ ଗଣେଶ ପୂଜା


କିଶୋରନଗର ବ୍ଲକର ଫୁଲାମ୍ବାଠାରେ ପୂଜା।


ବଇଣ୍ଡା ସାପ୍ତାହିକ ହାଟ ପଡ଼ିଆରେ ଗଣେଶ ପୂଜା।


ବଇଣ୍ଡା ଶିକ୍ଷକପଡ଼ା।


କଣିହାଁ ବଡ଼ହୀରାସ୍ଥିତ ପୂଜା ମଣ୍ଡପ।

